# NATIONAL NEWS BULLETIN (ODIA)

## 20th June - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ସଂସ୍କୃତିସମ୍ପନ୍ନ ଓଡ଼ିଶା ବିଗତ ବର୍ଷକ ମଧ୍ୟରେ ବିକାଶ ଓ ଐତିହ୍ୟକୁ ବିସ୍ତାରିତ କରିବାରେ ସଫଳ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ ।

- କୃଷକମାନଙ୍କ ନିକଟରୁ ନାଫେଡ୍ ଖୁବ୍‌ଶୀଘ୍ର ସିଧାସଳଖ କୃଷି ଉତ୍ପାଦ ସଂଗ୍ରହ କରିବ ବୋଲି ସମବାୟ ମନ୍ତ୍ରୀଙ୍କ ଘୋଷଣା ।

- ଦେଶରେ ମାଲ ପରିବହନଜନିତ ଖର୍ଚ୍ଚ ହାରକୁ ଚଳିତ ବର୍ଷ ଶେଷ ସୁଦ୍ଧା ୯ ପ୍ରତିଶତକୁ ହ୍ରାସ କରିବାର ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର ।

- ଆସନ୍ତାକାଲି ବିଶ୍ୱବ୍ୟାପୀ ପାଳନ କରାଯିବ ଆନ୍ତର୍ଜାତିକ ଯୋଗ ଦିବସ ।

ଏବଂ

- ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ କ୍ରମାଗତ ୮ ଦିନ ଧରି ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ।

# ପି.ଏମ୍. - ଓଡ଼ିଶା

ପୂର୍ବ ଭାରତର ବିକାଶରେ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଜି ଓଡ଼ିଶା ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ରାଜ୍ୟରେ ବିଜେପି ସରକାରଙ୍କ ବର୍ଷପୂର୍ତ୍ତିକୁ "ସେବା, ସୁଶାସନ ଓ ଜନଭାଗୀଦାରିର ବର୍ଷ" ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସଂସ୍କୃତିସମ୍ପନ୍ନ ଓଡ଼ିଶା ବିଗତ ବର୍ଷକ ମଧ୍ୟରେ ବିକାଶ ଓ ଐତିହ୍ୟକୁ ବିସ୍ତାରିତ କରିବାରେ ସଫଳ ହୋଇଛି। ପାରାଦ୍ୱୀପ-ଚଣ୍ଡିଖୋଲ ଓ ଗୋପାଳପୁର ଓଡ଼ିଶାକୁ ଶିଳ୍ପ ପେଣ୍ଠସ୍ଥଳୀ ଭାବେ ପରିଣତ କରିଛି। ପେଟ୍ରୋ କେମିକାଲ କ୍ଷେତ୍ରରେ ଓଡ଼ିଶାରେ ଦେଢ଼ ଲକ୍ଷ କୋଟି ଟଙ୍କାର ନିବେଶ ହୋଇଛି। ଏହା ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O - (PM)**

ଶ୍ରୀ ମୋଦୀ କହିଛନ୍ତି, ଓଡ଼ିଶାରେ ବିକାଶର ଡବଲ ଇଞ୍ଜିନ୍ ଚାଲିଛି। ପୂର୍ବରୁ ଆଦିବାସୀମାନଙ୍କୁ ଉପେକ୍ଷା କରାଯାଉଥିଲା। ତେବେ ବର୍ତ୍ତମାନର ବିଜେପି ସରକାର ଏହାକୁ ଦୂର କରିବାରେ ସଫଳ ହେବା ସହ ଆଦିବାସୀ ସମାଜକୁ ନକ୍ସଲବାଦରୁ ମୁକ୍ତି ମିଳିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O - (PM)**

ପ୍ରଧାନମନ୍ତ୍ରୀ ଆଜି ଏହି ଅବସରରେ ଓଡ଼ିଶାରେ ୧୮ ହଜାର ୬୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାକୁ ପୂର୍ବ ଭାରତର ଶିଳ୍ପ ପେଣ୍ଠସ୍ଥଳୀଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର ଅର୍ଥନୀତି ଏବଂ ୨୦୪୭ ମସିହା ସୁଦ୍ଧା ୧ ଦଶମିକ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତି ପହଞ୍ଚାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡ଼ିଶାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆଜି ବୌଦ୍ଧ-ଭୁବନେଶ୍ୱର-ପଶ୍ଚିମ ଓଡ଼ିଶାକୁ ରାଜଧାନୀ ସହ ସଂଯୋଗ କରିବା ପାଇଁ ନୂତନ ରେଳସେବା ଓ ୧୦୦ଟି ବ୍ୟାଟେରୀ ଚାଳିତ ବସ୍‌ର ଶୁଭାରମ୍ଭ କରିଛନ୍ତି।

ସେହିଭଳି ବରପୁତ୍ର ସମ୍ମାନ ଯୋଜନା, ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପୁସ୍ତିକା ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପୁସ୍ତିକାକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ, ଲକ୍ଷପତି ଦିଦିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ପି.ଏମ୍. - ଆଡ୍ରେସ୍ ସିୱାନ୍

ଏନ୍.ଡି.ଏ.କୁ ବିକାଶର ପ୍ରତୀକ ଭାବେ ଅଭିହିତ କରିବା ସହ ଗତ ୧୧ ବର୍ଷ ମଧ୍ୟରେ ଦେଶର ସାମଗ୍ରିକ ଅଭିବୃଦ୍ଧି ଓ ସମୃଦ୍ଧି ପଥରେ ଏହା ସହାୟକ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଆଜି ବିହାର ଗସ୍ତକରି ସିୱାନ୍‌ର ଯାସାଉଲି'ଠାରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି ଏହା କହିଛନ୍ତି । ସେ କହିଛନ୍ତି, ତାଙ୍କ ସରକାର 'ସବ୍ କା ସାଥ୍, ସବ୍ କା ବିକାଶ' ମନ୍ତ୍ରକୁ ଆଧାର କରି ପ୍ରଗତି ପଥରେ ଆଗେଇ ଚାଲିଛି । ବିରୋଧୀ କଂଗ୍ରେସ ଓ ଆର୍.ଜେ.ଡି.ର କାର୍ଯ୍ୟକଳାପକୁ ବିହାର ବିରୋଧୀ ବୋଲି ଆକ୍ଷେପ କରି ସେ କହିଛନ୍ତି, ଏହାଦ୍ୱାରା ବିହାରରେ ପୁଞ୍ଜିନିବେଶ ଲାଗି ନିବେଶକମାନେ ଆଗ୍ରହ ପ୍ରକାଶ କରୁ ନ ଥିଲେ ।

ଆଜି ମଢୌରା ରେଳ ଇଞ୍ଜିନ କାରଖାନା ଦ୍ୱାରା ପଶ୍ଚିମାଞ୍ଚଳ ଆଫ୍ରିକୀୟ ଦେଶ ଗୁଏନା ସାଧାରଣତନ୍ତ୍ରକୁ ଇଞ୍ଜିନ୍ ରପ୍ତାନୀ ପ୍ରକ୍ରିୟାର ଶୁଭାରମ୍ଭ କରି ଶ୍ରୀ ମୋଦି କହିଛନ୍ତି, ଏହା ବିହାରବାସୀ ତଥା ସମଗ୍ର ଦେଶପାଇଁ ଏକ ଗର୍ବର ମୁହୂର୍ତ୍ତ । ପ୍ରଧାନମନ୍ତ୍ରୀ ନିଜର ସମ୍ପ୍ରତି ବିଦେଶ ଗସ୍ତ ସମ୍ପର୍କରେ ଉଲ୍ଲେଖକରି କହିଛନ୍ତି, ଏହି ଅବସରରେ ସେ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଛନ୍ତି । ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥବ୍ୟବସ୍ଥା ରୂପେ ଦେଖିବା ଲାଗି ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି ।

***Voice (PM - 3rd Economy) :..........***

# ଅମିତ୍ ଶାହା - ନାଫେଡ଼

କୃଷକମାନଙ୍କ ନିକଟରୁ ନାଫେଡ଼୍ ଖୁବ୍‌ଶୀଘ୍ର ସିଧାସଳଖ କୃଷି ଉତ୍ପାଦ ସଂଗ୍ରହ କରିବ ବୋଲି ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଛନ୍ତି । ଆନ୍ତର୍ଜାତିକ ସମବାୟ ବର୍ଷ ଅବସରରେ ମୁମ୍ବାଇଠାରେ ଆୟୋଜିତ ଏକ ଜାତୀୟସ୍ତରୀୟ କର୍ମଶାଳାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଏହାଦ୍ୱାରା କୃଷି ଉତ୍ପାଦନ ପ୍ରକ୍ରିୟରେ ମଧ୍ୟସ୍ଥିଙ୍କ ଭୂମିକାକୁ ସମ୍ପୂର୍ଣ୍ଣଭାବେ ଲୋପ କରାଯାଇପାରିବ । ଏଥିସହିତ ଚାଷୀମାନେ ନିଜର ଉତ୍ପାଦ ଲାଗି ଉଚିତ ମୂଲ୍ୟ ପାଇପାରିବେ ।  ସେହିଭଳି କେନ୍ଦ୍ର ସରକାର ସମବାୟ ମଡେଲ୍‌ଭିତ୍ତିକ ଏକ ବୀମା କମ୍ପାନୀର ଖୁବ୍‌ଶୀଘ୍ର ଶୁଭାରମ୍ଭ କରିବାକୁ ଯାଉଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି, ଦେଶବ୍ୟାପୀ ୨ ଲକ୍ଷ ନୂତନ ପ୍ରାଥମିକ କୃଷିଋଣ ସମିତି ସ୍ଥାପନ କରାଯିବ । କୃଷକମାନଙ୍କର ଜୀବନ ମାନକୁ ଅଧିକ ଉନ୍ନତ କରିବା ଉଦ୍ଦେଶ୍ୟରେ ଆସନ୍ତା ୧୦ ବର୍ଷ ମଧ୍ୟରେ ଦେଶରେ ରପ୍ତାନୀ, ଜୈବିକ ଖାଦ୍ୟ ଓ ବିହନ ଭଳି ୩ଟି ପ୍ରମୁଖ କ୍ଷେତ୍ରରେ ବହୁଳ ମାତ୍ରାରେ ସମବାୟ ସଂସ୍ଥା କାର୍ଯ୍ୟ କରିବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି ।

***Voice (Amit Shah Pacs)*** :..........

## ଶିବରାଜ ସିଂ ଚୌହାନ

ଏହି କର୍ମଶାଳାରେ ଉଦ୍‌ବୋଧନ ଦେଇ କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଭାରତର ମାଟିରେ ହଜାର ହଜାର ବର୍ଷ ଧରି ସମବାୟ ପ୍ରକ୍ରିୟା ସଫଳତାର ସହ କାର୍ଯ୍ୟକାରୀ କରାଯାଇଆସୁଛି । ଦେଶରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଚାଷୀମାନଙ୍କ ଆୟକୁ ବୃଦ୍ଧି କରିବା, ପ୍ରତ୍ୟେକ ନାଗରିକଙ୍କ ପୁଷ୍ଟିଜନିତ ଖାଦ୍ୟ ଉପଲବ୍ଧ କରାଇବା ସହିତ ସେମାନଙ୍କର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ଦିଗରେ ସରକାର ସମବାୟ ମାଧ୍ୟମରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ସରକାରଙ୍କର ଏଭଳି ଜନକଲ୍ୟାଣକାରୀ ଯୋଜନାଗୁଡ଼ିକରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ସ୍ୱାର୍ଥକୁ ସର୍ବଦା ଗୁରୁତ୍ୱ ଦିଆଯାଇଆସିଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

## ଗଡ଼କରୀ - ଇଣ୍ଟରଭ୍ୟୁ

କେନ୍ଦ୍ର ସରକାର ଦେଶରେ ମାଲ ପରିବହନଜନିତ ଖର୍ଚ୍ଚ ହାରକୁ ଚଳିତ ବର୍ଷ ଶେଷ ସୁଦ୍ଧା ୯ ପ୍ରତିଶତକୁ ହ୍ରାସ କରିବେ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ କହିଛନ୍ତି । 'ବିକ୍‌ଶିତ୍ ଭାରତ କା ଅମ୍ରିତ କାଲ୍ - ସେବା, ସୁଶାସନ, ଗରିବ କଲ୍ୟାଣ କେ ଗ୍ୟାରା ସାଲ୍'

ସ୍ୱତନ୍ତ୍ର ଧାରାବାହିକର ଅଂଶସ୍ୱରୂପ ଆକାଶବାଣୀ ସମ୍ବାଦ ପ୍ରଭାଗକୁ ଏକ ସାକ୍ଷାତ୍‌କାର ଦେଇ ଶ୍ରୀ ଗଡ଼କରୀ ଏହା କହିଛନ୍ତି । ସେ କହିଛନ୍ତି, ଗତ କିଛିବର୍ଷ ଧରି ଭାରତ ମାଲ୍ ପରିବହନଜନିତ ଖର୍ଚ୍ଚ କ୍ରମାଗତ ଭାବେ ହ୍ରାସ କରିଚାଲିଛି । ଏହା ଦେଶର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି । ଶ୍ରୀ ଗଡ଼କରୀଙ୍କର ଏହି ସାକ୍ଷାତ୍‌କାର ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀର ୧୦୦ ଦଶମିକ ୧ ଏଫ୍.ଏମ୍. ଗୋଲ୍‌ଡ୍ ଚ୍ୟାନେଲରେ ଶୁଣାଯାଇପାରିବ । ଏଥିସହିତ ୟୁଟ୍ୟୁବ୍ ଚ୍ୟାନେଲ୍ News on Air Officialରେ ମଧ୍ୟ ଏହା ସମାନ୍ତର ଭାବେ ଷ୍ଟ୍ରିମିଂ କରାଯିବ ।

## ଯୋଗ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଆନ୍ଧ୍ରପ୍ରଦେଶର ବିଶାଖାପଟଣାଠାରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ ସମାରୋହରେ ଯୋଗଦେବେ । ଆସନ୍ତାକାଲି ସକାଳ ସାଢ଼େ ୬ଟାରୁ ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦେଶବ୍ୟାପୀ ୧ ଲକ୍ଷରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ଯୋଗ ଶିବିର ଅନୁଷ୍ଠିତ ହେବ । ଚଳିତବର୍ଷ ଯୋଗ ଦିବସର ବିଷୟବସ୍ତୁ ରହିଛି "ଏକ ବିଶ୍ୱ : ଏକ ସ୍ୱାସ୍ଥ୍ୟପାଇଁ ଯୋଗ" ।

ଏଠାରେ ସୂଚନା ଦିଆଯାଇପାରେ, ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ସୁସଂହତ କରିବା ଦିଗରେ ଯୋଗକୁ ଆପଣାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ସେପ୍ଟେମ୍ବର ୨୭ ତାରିଖରେ ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବ ଆଗତ କରିଥିଲେ । ଏହାକୁ ୧୭୫ଟି ଦେଶ ଅନୁମୋଦନ କରିଥିଲେ । ଯୋଗର ବିଶ୍ୱସ୍ତରୀୟ ଲୋକପ୍ରିୟତାକୁ ସ୍ୱୀକାର କରି ମିଳିତ ଜାତିସଂଘ ପକ୍ଷରୁ ୨୦୧୪ ଡିସେମ୍ବର ୧୧ରେ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତିକ ଯୋଗ ଦିବସ ଭାବେ ଘୋଷଣା କରାଯାଇଥିଲା । ଉତ୍ତର ଗୋଲାର୍ଦ୍ଧର ସବୁଠାରୁ ଲମ୍ବା ଦିନ ତଥା ବିଭିନ୍ନ ସଂସ୍କୃତିରେ ମହତ୍ତ୍ୱ ରଖୁଥିବା ଦୃଷ୍ଟିରୁ ୨୧ ଜୁନ୍‌କୁ ଏଥିଲାଗି ଚୟନ କରାଯାଇଥିଲା । ୨୦୧୫ ମସିହାଠାରୁ ସାରା ବିଶ୍ୱରେ ଏହି ଦିବସକୁ ସଫଳତାର ସହ ପାଳନ କରିବା ଦିଗରେ ଭାରତ ନେତୃତ୍ୱ ନେଇଆସୁଛି ।

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଓଡ଼ିଶାର କୋଣାର୍କ ମନ୍ଦିର ସମେତ ଦେଶର ୧୦୦ଟି ପର୍ଯ୍ୟଟନ ସ୍ଥଳୀ ଏବଂ ୫୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କେନ୍ଦ୍ରରେ ଏହି ଅବସରରେ ଯୋଗ ଶିବିର ଅନୁଷ୍ଠିତ ହେବ ।

ଦେଶରେ ୩ ଲକ୍ଷ ୫୦ ହଜାରରୁ ଅଧିକ ସ୍ଥାନରେ ଯୋଗ ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଇରାନ୍ - ଇସ୍ରାଏଲ୍

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ କ୍ରମାଗତ ୮ ଦିନ ଧରି ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଛି । ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ ଆରାଗ୍‌ଚି ତାଙ୍କର ଜର୍ମାନୀ, ଫ୍ରାନ୍‌ସ ଓ ବ୍ରିଟେନ୍‌ର ପ୍ରତିପକ୍ଷମାନଙ୍କ ସହିତ ସ୍ଥିତିକୁ ସୁଧାରିବା ସମ୍ପର୍କରେ ଜେନେଭାଠାରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଇତିମଧ୍ୟରେ ଆଜି ସକାଳେ ଇରାନ୍ ପକ୍ଷରୁ ମାଡ଼ କରାଯାଇଥିବା କ୍ଷେପଣାସ୍ତ୍ରଦ୍ୱାରା ଇସ୍ରାଏଲ୍‌ର ଦକ୍ଷିଣାଞ୍ଚଳ ବୀର୍‌ସେବାରେ ୫ ଜଣଙ୍କର ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି । ଅନ୍ୟପକ୍ଷରେ ଇସ୍ରାଏଲ୍ ବାୟୁସେନା ପକ୍ଷରୁ ପଶ୍ଚିମ ଓ କେନ୍ଦ୍ରୀୟ ଇରାନ୍‌ରେ ଥିବା ସାମରିକ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି ।

*****